ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

# ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସୃଜନୀ ପରିବାର (ଚେନ୍ନାଇ )



## ପ୍ରେମ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

# ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

## "ହିରଣ୍ମୟୀ " - ପ୍ରେମ - ବିଶେଷାଙ୍କ କୁ

## ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :

ପ୍ରେମ
ଶ୍ରୀମା





ରୂପେଲି ଅଗଣା
ଦୀପକ କୁମାର ଦେ

କୋଇଲି ଲୋ !
କହିବୁ କାହ୍ନୁ କୁ ଯାଇ...
ସାବିତ୍ରୀ ପୁରୋହିତ





ସେ ମୋର ପ୍ରେମାସ୍ପଦ
ରମେଶ ଚନ୍ଦ୍ର ପସାଏତ୍

ମୋହନ ବଂଶୀ
ସୁବାଷ ଚନ୍ଦ୍ର ପଣ୍ଡା





ପ୍ରେମ
ଖଲିଲ୍ ଜିବ୍ରାନ୍

ଆତ୍ମା ମୋର ବଂଶୀ ..
ବୀଣାପାଣି ରାଏଗୁରୁ






ପ୍ରେମ ସେତୁ ଟିଏ
ସବିତା ଶତପଥୀ


ପ୍ରେମ ପାଇଁ ସିନା...
ପ୍ରଭାସିନୀ ହୋତା





ଭଲ ପାଇଛି
ପ୍ରିୟଦର୍ଶିନୀ ମହାରଣା

ପ୍ରେମ ନୁହେଁ କି ?
ରତିକାନ୍ତ ଦୁବେ





ଆଃ !! ... ଆନନ୍ଦମୟ ....
ବନ୍ଦିତା କର

ତୁମ ପାଇଁ ଅଭିବ୍ୟକ୍ତି ତୁମର
ସୁପ୍ରଭା ସାମଲ





ପ୍ରେମ
ସୁଧିରାଜ ରାଉତ

ନୀଳାଭ ସ୍ୱପ୍ନ
ସରୋଜିନୀ ଦାସ





ଭାବ ଯମୁନା
ପ୍ରସନ୍ନ କୁମାର ମାଦଳା

ତୁମେ
ଜୟଶ୍ରୀ ପଟ୍ଟନାୟକ





ନାରୀ କବି ସୁଷମା ପରିଡ଼ା ଙ୍କ
ଦୁଇଟି କବିତା :
ମୋ ପ୍ରିୟା / ପ୍ରିୟା ଅନନ୍ୟା



ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ପ୍ରେମ ....



ଗୋଟିଏ ଗମ୍ଭୀର, ଗଭୀର, ପ୍ରସନ୍ନ,
ସୂକ୍ଷ୍ମ ସଙ୍ଗୀତ ମୋ ଅନ୍ତରରୁ
ଉତ୍‌ଥିତ ହେଉଛି ।

ଜାଣେ  ନାହିଁ ସେ ସଙ୍ଗୀତ
ମୋ ଠାରୁ ତୋ ଆଡ଼ କୁ ଯାଉଛି
ନା ତୋ ଆଡୁ  ମୋ ନିକଟକୁ  ଆସୁଛି
କିମ୍ବା ତୁ, ମୁଁ ଓ ସମଗ୍ର ବିଶ୍ୱ ହେଲା
ସେହି ଅଦ୍ଭୁତ ସଙ୍ଗୀତ ।
ଯାହା ସମ୍ବନ୍ଧରେ
ମୁଁ ବର୍ତ୍ତମାନ ସଚେତନ ହୋଇଛି ।

ପୃଥକ ଭାବେ
ମୁଁ ନାହିଁ
ତୁ ନାହୁଁ
ବିଶ୍ୱ ବି ନାହିଁ -
ଏହା ନିଶ୍ଚିତ ।
ଅଛି ଗୋଟିଏ ବିପୁଳ ସମୁଚ୍ଚ ଅସୀମ ଛନ୍ଦ ।

ଯାହାକି ଏ ବିଶ୍ୱର ବସ୍ତୁ ସକଳ
ଏବଂ
ଯାହା ସମ୍ବନ୍ଧରେ ବିଶ୍ୱର ବସ୍ତୁ ସକଳ
ଦିନେ ନିଶ୍ଚୟ ସଚେତନ ହେବେ ।

ଏହା ହିଁ ହେଲା ସୀମାହୀନ ପ୍ରେମର ଛନ୍ଦ
ସର୍ବସନ୍ତାପହାରୀ , ସର୍ବତମୋଜୟୀ ।

ଏହି ପ୍ରେମର ବିଧାନ ଅନୁସାରେ,
ତୋର ବିଧାନ ଅନୁସାରେ
ମୁଁ ଜୀବନ ଧାରଣ କରିବାକୁ ଚାହେଁ
ପୂର୍ଣ୍ଣ ରୁ ପୂର୍ଣ୍ଣତର ଭାବେ ;

ଏହି ପ୍ରେମ ପାଖରେ
ମୁଁ ନିଜକୁ
ନିଃଶେଷ ଭାବେ ସମର୍ପଣ କରୁଛି ।

**ଶ୍ରୀମା**
(ଦୀନଲୀପି - ଜୁଲାଇ ୨୩, ୧୯୧୩ )

ପ୍ରେମ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# କୋଇଲି ଲୋ ! କହିବୁ କାହ୍ନୁ କୁ ଯାଇ..



ସାବିତ୍ରୀ ପୁରୋହିତ



କୋଇଲି ଲୋ !
କେଶବ ଯେ ମଥୁରାକୁ ଗଲା
କାହା ବୋଲେ ଗଲା କାହ୍ନୁ
ବାହୁଡ଼ି ନଇଲା
ଲୋ କୋଇଲି !!

କୋଇଲି ଲୋ !
ମଥୁରା ନଗର ସତେ ଅଛି କେତେ ଦୂରେ
କାହ୍ନୁ ର ବଇଁଶୀ ଶୁଭୁ ନାହିଁ ମିଠା ସୁରେ
ଲୁହ ସରସର ଖାଲି ଯଶୋଦା ପଣତ
ବିରହିଣୀ ରାଇ କିଶୋରୀ ସେ ଝୁରିମରେ ।।

କଦମ୍ବ ବନରେ ଆଉ ନାଚୁ ନାହିଁ କେକି
ଅବୁଝା ଯମୁନା ଦେଖ ଉଠୁଛି ବିଳପି
କିଆଁ ଏତେ ଆନମନା ଲୋ ସଖୀ ଲଳିତା
କଅଁଳ ପାଦରେ ତୋର ନାହିଁ କି ଅଳତା ?
କହଲୋ ଦୂତିକା !
ଥରେ କହଲୋ ବିଶାଖା !
କାହିଁ ଦୂରେ ଗଲା ହଜି ତୋ' ପ୍ରାଣର ସଖା
ଉଜୁଡ଼ିଛି ଗାଈ ଗୋଠ
ଭାଙ୍ଗିଛି ନବର
ଗୋପୀଙ୍କର ଲୁହ ଲହୁ
ବହଳ ବହଳ ।।

କୋଇଲି ଲୋ !
କହିବୁକି ଥରେ ତୁହି କାହ୍ନୁ ର ଠିକଣା
ରାଧାରାଣୀ ଝୁରୁଅଛି ହୋଇ ଆନମନା
ସକଳ ସଂପଦ ତୁଚ୍ଛ କରିଛି ରାଧିକା
କାହ୍ନୁ କି ଆସିବ ଫେରି !
ଛାତି ତଳେ ଦକା
ଗୁମୁରି ଗୁମୁରି କାନ୍ଦେ ମନର ମଇନା
ଛାତି ତଳ ଏତେ ବ୍ୟଥା କହ କାହ୍ନୁ
ତତେ କି ଅଜଣା !!

ବୟସ ପଛକେ ସରିଯିବ କାହ୍ନୁ
ଅସରା ଏ ଆଖି ଲୁହ
ନିଃଶ୍ୱାସ ଛିଡ଼ିବ ବିଶ୍ୱାସ ଜିତିବ
ଭାଙ୍ଗିବ ଦିନେ ତୋ ମୋହ
ତୁ ' ବି ଦିନେ ବିଳପି ଉଠିବୁ
ଖୋଜିବୁ ରାଧିକା ଅଞ୍ଚଳ
ରାଇ କିଶୋରୀ ର ପୀରତି ଝୁରିବୁ
ତୋ' ମନ ତଳେ ହେବ କୋଳାହଳ ।।

କୋଇଲି ଲୋ !!
କହିବୁ କାହ୍ନୁ କୁ ଯାଇ
ମରିନି ସେ ମରିବନି
ଚିର ସ୍ନେହ କାଙ୍ଗାଳିନୀ
କାହ୍ନୁ ପ୍ରୀତି ପାଗଳିନୀ ରାଇ
ଏ ଯମୁନା ଯେତେ ଦିନ ବହିବ ଉଜାଣି
ଫୁଟିବ କଦମ୍ବ ନାଚୁଥିବ ରାଧାରାଣୀ
ଥିଲେ ଥାଉ ଦୂରେ ପଛେ
ସେ କାହ୍ନା କିଶୋର
ତା' ପାଇଁ ରାଧାର ହୃଦ
ଚିରକାଳ ପ୍ରୀତି ଛଳଛଳ ।।

---

।। ସମ୍ବଲପୁର ।।



ପ୍ରେମ ବିଶେଷାଙ୍କ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
ସୃଜନୀ ପରିବାର (ଚେନ୍ନାଇ )





# ମୋହନ ବଂଶୀ

ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା (ଓ ଇ ଏସ )



ହେ , ମୋହନ !
ଠିକ କରି କହି ହେଉ ନାହିଁ
କେବେ ତୁମ ବଂଶୀ ପ୍ରେମ ସ୍ପର୍ଶ କରିଗଲା
ଏଇ ମନ ,ହୃଦୟ ,ଇନ୍ଦ୍ରିୟ
କେବେ ତୁମ ପ୍ରେମ ପରଶରେ
ବିଶାଖା ,ଶ୍ରୀ ରାଧା ଆଉ ଲଳିତାର
ଲୁପ୍ତ ହେଲା ମୋହ ଓ ସଂଶୟ
ଏତିକି କିନ୍ତୁ ମନେ ଅଛି ପ୍ରିୟତମ
ତୁମ ପ୍ରେମ ମଧୁର ସଙ୍ଗୀତ
ବିରହରେ ଆଣିଦେଲା ମିଳନର ଗୀତ ।

ତନ୍ଦ୍ରାଛନ୍ନ ଏ ମନ ଖୋଜୁଛି
ଆଉ ଟିକିଏ ଦେଖିବ ସପନ
ଯେଉଁଠି ତୁମେ ହିଁ ଥିବ ,
ତୁମ ବିନା ଅନ୍ତଃସାର ଶୂନ୍ୟ
ନିଷ୍ଫଳ ଏ ଦରିଦ୍ର ଜୀବନ ।

ମନ ଯମୁନାରେ
ଏବେ ଉତ୍ତାଳ ତରଙ୍ଗ
ପ୍ରବୃତ୍ତି ଜଳରେ ଦିଶେ
ନିବୃତ୍ତିର ସ୍ପଷ୍ଟ ପ୍ରତିବିମ୍ବ ।

ଶାଶ୍ୱତ ,ଚିରନ୍ତନ ତୁମ
ମୁରଲୀ ଧ୍ୱନିର ପ୍ରତିଧ୍ୱନି ଶୁଭେ
ହୃଦୟର ପ୍ରତ୍ୟେକ ତନ୍ତ୍ରୀରେ
ଅଦ୍ଭୁତ ରୋମାଞ୍ଚ ଭରେ ପ୍ରତି ଇନ୍ଦ୍ରିୟରେ ।

ବିଚିତ୍ର ଏ ବଂଶୀ ସ୍ୱନ
ଉଚ୍ଚକିତ କରିଦିଏ ମନର କଦମ୍ବ ବନ
ବିଶାଖା ପଚାରେ ଧୀରେ ଲଳିତାକୁ ଚାହିଁ
ଅନ୍ୟ କେଉଁ ବଂଶୀ ଏ ଭଳି ବାଜେନା କାହିଁ ?

ଲଳିତା ନିରବ ଦେଖି ମାନିନୀ ରାଧିକା କହେ
ସବୁ ବଂଶୀ ଉଚ୍ଚାଟନ ମନ୍ତ୍ର ଶିଖିନାହିଁ
ସବୁ ବଂଶୀ ବାଏନା କହ୍ନେଇ ।

ଏ ବଂଶୀ ସ୍ୱରରେ ସବୁଜିମା ଭରେ
ଊଷର ଭୂମିରେ ,
ଯମୁନା ଭରିଯାଏ ପ୍ରେମ ଜୁଆରରେ
ହସି ଉଠେ କଦମ୍ବର ବନ
ପଲ୍ଲବିତ ହୁଏ ଶୁଷ୍କ ତରୁ
ନାଚି ଉଠେ ଗୋପୀକାର ମନ
ଏ ବଂଶୀ ଶିଖାଏ ଡାକିବାକୁ " ରାଧା "
ଘୁଞ୍ଚାଇ ଦେବାକୁ ସବୁ ସଂସାରର ବାଧା ॥

---

ଗହଗା ନରସିଂହ ପୁର ,କେନ୍ଦ୍ରାପଡା, ଓଡିଶା

ପ୍ରେମ ବିଶେଷାଙ୍କ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
ସୃଜନୀ ପରିବାର (ଚେନ୍ନାଇ )



# ଆତ୍ମା ମୋର ବଂଶୀ

ବୀଣାପାଣି ରାଏଗୁରୁ

ବଂଶୀ ରେ!!
ତୁ କାହିଁକି ବାଜୁ ଅହରହ ?

ଆତ୍ମାରୁ ଝରାଉ..
ଲୁହ ମୋହ ର ମହ୍ଲାର
ଜୀବନ ର ସ୍ୱର .. ବିଶ୍ୱାସ ର ଝର
ଖେଳି ଉଠେ ସିନ୍ଧୁ କୋଳେ ବିନ୍ଦୁ
ଅକସ୍ମାତ ପ୍ରେମ ପାଇଯାଏ ଦେହ ।।

ଜୀଇଁ ଉଠେ ରାଧା..
ଜୀଇଁ ଉଠନ୍ତି କହ୍ନେଇ...
ଫେରି ଆସେ ଗୋପ
ପ୍ରେମ ନିଏ ରୂପ..
ହୋଇଯାନ୍ତି ମେଳ ଆତ୍ମା ପରମାତ୍ମା
ସେଇ କ୍ଷଣି ମିଳେ ପରିଚୟ ।।

ଫୁଟେ ପଦ୍ମ... ଫୁଟେ କଇଁ
ପାଆନ୍ତି ଜୀବନ୍ୟାସ
ଆକାଶ ସରସୀ ଭରେ ଜୀବନ କଳସୀ
ବାଜି ଉଠେ ପାଞ୍ଚଜନ୍ୟ
ବୈକୁଣ୍ଠେ କୈଳାଶେ
ପ୍ରେମ ଜଗାଏ ସମ୍ମୋହ ।।

ବାଜେ ପ୍ରେମ ର ଆଙ୍ଗନେ ବିଶ୍ୱାସ ର ବାଜା
ପୃଥ୍ୱୀ ପାଏ ଚୀର ଶାନ୍ତି
ଗାଏ ଜୀବନ ର ଗୀତି,
ଜାଗି ଉଠେ ଅନ୍ତର ରେ ଦିବ୍ୟ ନବ୍ୟ ଅନୁଭବ
ଅନୋଖା ଉସାହ ।।

ଉଠେ ଲହରୀ ..
ଗହରି ଉତ୍ତାଳ ସିନ୍ଧୁରେ
ଡାକେ ଫଗୁଣ କୁ ପ୍ରେମ
ଦେଇ ଯା ରେ ନାମ,
ଏକାନ୍ତେ ଏକାଠି ଏଠି
ଜଳ ସ୍ଥଳ ନଭ ଅନ୍ତରୀକ୍ଷ
ଲଭେ ଶାନ୍ତି ନିରାମୟ ।।

ବଂଶୀ ରେ !!
କଦମ୍ବ କାନନେ ସେଠି ଯମୁନା ପୁଳିନେ
ପ୍ରେମ ନିଏ ଜନ୍ମ
ନେଇ ରାଧାକୃଷ୍ଣ ନାମ
ବାଜୁ ଥା ସେମିତି ରଚି ପ୍ରେମର
ଦୁନିଆଁ ଲେଖିଚାଲୁ ଇତିହାସ
ସୃଷ୍ଟି ହୋଇଯାଉ ଅୟ ।।

ବଂଶୀ ରେ !!
ତୁ ମୋ ଆତ୍ମା ତୁ ମୋ ପରମାତ୍ମା
ଜୀବନ ର ସ୍ୱର....ପ୍ରୀତି ପାରାବାର
ତାତ୍ତ୍ୱିକ ସାତ୍ତ୍ୱିକ ତୋର,
ପ୍ରେମାନ୍ୱୟୀ ତୃପ୍ତ ଆଳାପରେ
ଖେଳେ ମୋ ପରିଚୟ,
ଲେଖେ, ମୋତେ ଅହ ରହ,
ତୁ ସେମିତି ବାଜୁ ଥା' ରେ
ମୋ ତନ୍ତ୍ରୀ ରେ ଜଗାଇ ସମ୍ମୋହ।।

ତରିତୋ, କିଶୋର ନଗର କଟକ



ପ୍ରେମ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଉପହାର



# ପ୍ରେମ ପାଇଁ ସିନା

ପ୍ରବାସିନୀ ହୋତା

ଅଗଣିତ ବାଧା,ବିପତ୍ତି ଆଉ
ଯାତନା ଜଞ୍ଜାଳେ
ଜୀବନ ପାଇଁ ଏ ଯେଉଁ
ଚିରନ୍ତନୀ ଜିଜୀବିଷା....
ସେ ହିଁ ତ ପ୍ରେମ
ଏ ଏମିତି ଏକ ଲୋଭନୀୟ ଯନ୍ତ୍ରଣା
ଅନାକାଂକ୍ଷିତ ଯାର ଉପଶମ
ସେ ହିଁ ତ ପ୍ରେମ....

ମୁକୁଳିତ କଳିକାର ନୀରବତା
ଯେତେବେଳେ ବାଙ୍ମୟ ହୁଏ
କୋଳାହଳ ଅଖୋଜା ଅଲୋଡା
ଆଉ ନିର୍ଜନତା ଯେବେ ପ୍ରିୟ ହୁଏ
ସେତେବେଳେ କେଉଁଠି ନା କେଉଁଠି
ପ୍ରେମ କିନ୍ତୁ ଆଖେପାଖେ ଥାଏ...

ପ୍ରେମ ଋତୁ ଆସିଲେ କାଳେ
ଇନ୍ଦ୍ରଧନୁରେ ଲାଲିମା ଚହଟେ
ସରଗମରେ ପଞ୍ଚମର ଆଧିପତ୍ୟ ଜମେ
ଗୁଣୁଗୁଣୁ ପ୍ରେମ ମନ୍ତ୍ର ଜପି
ଠିକ ସେଇବେଳେ
ମଧୁପ ବି ଫୁଲେ ଫୁଲେ ଚୁମେ....

-------- ---------

**ଭଟଲି ଛକ,ବରଗଡ**


------------------------

ଯେଉଁ ବିଶ୍ୱାସରେ
ମାଆ ଆଖିରେ ଆଖି ଥାପି
ତରକୁରା ଶିଶୁଟିଏ ଅନାୟାସେ
ଟଳମଳ ପାଦ ପାତି ଧାଇଁ ଆସେ...
ତା ଦେହରେ ପ୍ରେମ ଗନ୍ଧ ଭୁରୁ ଭୁରୁ ବାସେ ।

ସେଇଠି ପ୍ରେମ ପାଥେୟ ହୁଏ..
ଅଭିସମ୍ପାତ କି ଶାସ୍ତି ନୁହେଁ,
ଅସ୍ତ୍ର ହୁଏ ଅଭିମାନ...ଭୁଲ୍ ପାଇଁ ଯହିଁ
ସେଠି ପ୍ରେମ ପ୍ରେରଣା ହୁଏ
ଶବ୍ଦ ଯହିଁ ସଂକଳ୍ପ ରୂପେ
ପଥରର ଗାର ଯାଏ ହୋଇ...


ଯେଉଁଠି ....
ପ୍ରାପ୍ତି ଠୁ ଅପ୍ରାପ୍ତି
ଲାଭ ଠାରୁ କ୍ଷତି
ଦେହ ଠୁ ବିଦେହ
ନେୟ ଠାରୁ ଦେୟ
ହକ୍ ଠୁ କର୍ତ୍ତବ୍ୟ
ପୁଣ୍ୟ ଠାରୁ ପାପ
ଶ୍ରେୟସ୍କର ବୋଧ ହୁଏ...
ପ୍ରେମ ସେଠି ଜିତାପଟ ପାଏ
ସେଇଲାଗି ସିନା
ଅଷ୍ଟପାଟବଂଶୀ ନୁହେଁ
ପ୍ରୀତି ପାଗଳିନୀ ରାଧା
କାହ୍ନୁ ଜ୍ୱର ଉପଶମ ପାଇଁ
ନିର୍ବିବାଦେ ଆପଣାର ପଦରଜ ଦିଏ...

----------------



ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଉପହାର



# ପ୍ରେମ ନୁହେଁ କି ... ?

ରତିକାନ୍ତ ଦୁବେ

ମହୋଦଧି ରେ ସ୍ନାନ ସାରି
ଉଦିତ ସୂର୍ଯ୍ୟଙ୍କୁ ପ୍ରଣାମ କରି
ସମର୍ପି ଦେଉଥିବା
ଦୁଇ ଆଞ୍ଜୁଳା ପାଣି
ଦୁଇଟି ଉତ୍‌ଥିତ ହାତ.....

ଦୂର ଦିଗ୍ ବଳୟ ଡେଇଁ
ନୀଡ ଫେରନ୍ତା ପକ୍ଷୀର କାକଳୀ
ସ୍ପନ୍ଦିତ କଳକଳ ଝରଣା
ଫୁଲ ଗନ୍ଧରେ ଆନମନା ପ୍ରଜାପତି
ଶବ୍ଦ ପାଇଁ ସମାଧିସ୍ଥ କବି ... ।
ପ୍ରେମ ନୁହେଁ କି ....?

ଏକାତ୍ମତା ର ଏ ଅନୁଭବ
ଏକ ଅଦ୍ଭୁତ ସଙ୍ଗୀତ
ଅବୋଧ୍ୟ ଚିନ୍ମୟୀ ଶକ୍ତି
ଦୁର୍ବୋଧ୍ୟ ମହାମନ୍ତ୍ର
ଅସୀମ କୃପାର ଏକ ସୂକ୍ଷ୍ମ
ଅଥଚ ଅନନ୍ତ ମହାଶକ୍ତି ... ।।
ପ୍ରେମ ନୁହେଁ କି ... ?

ମହାଶୂନ୍ୟରୁ ତ୍ରିଧା ଜଗତକୁ
ଓହ୍ଲାଇ ଆସୁଥିବା
ଏକ ସ୍ନିଗ୍ଧ ଅଥଚ ବୃହତ୍ ଆବେଗ
ବେଳେ ବେଳେ
ଠକ୍-କରେ
ଖୋଲି ଦିଏ ନୀରବତାର
ମହାଗ୍ରନ୍ଥ
ଅଟକି ଯାଏ ପବନ
ଅଲଗା ଲାଗେ - ଜନ୍ମ ଓ ଜୀବନ
ଭିତରୁ ଆଲୋକ
ବାହାରେ ପୂର୍ଣ୍ଣତା
ଉର୍ଦ୍ଧ୍ୱ ମୁଖୀ ଲାବଣ୍ୟର ଛିଟା
ଅକଳ୍ପନୀୟ ... ଅଦ୍ଭୁତ ରୋମାଞ୍ଚ
ମୁଁ ....ଆତ୍ମସ୍ଥ ହୁଏ
ଯୋଗନିଦ୍ରା ରେ
ଧିରେ ଧିରେ ବତୁରେ ଦିବ୍ୟତାରେ
ଏକ ନୈସର୍ଗିକ ଚେତନା
ଶାଶ୍ୱତ ଉପଲବ୍ଧି ....।।
ପ୍ରେମ ନୁହେଁ କି ....?

ନବରଂଗପୁର

ପ୍ରେମ ବିଶେଷାଙ୍କ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
ସୃଜନୀ ପରିବାର (ଚେନ୍ନାଇ )

# ତମ ପାଇଁ ଅଭିବ୍ୟକ୍ତି ପ୍ରେମର.....



**ସୁପ୍ରଭା ସାମଲ**

ପ୍ରେମର ମୁଗ୍ଧ ଅନୁଭବ ଟିଏ ତମେ
ମଧୁରପଣ ରୋମାଂଚିତ ମୁହୂର୍ତ୍ତ ମାନଙ୍କର
ଆବେଗର ନିବିଡ଼ ଉଷ୍ଣତା ତମେ
ଅଭିବ୍ୟକ୍ତି ଈପସିତ ଇଚ୍ଛା ମାନଙ୍କର
ମଳୟର ମଧୁର ମହକ ଟିଏ ତମେ
ଆତୁରତା ସ୍ୱପ୍ନ ବିଭୋର
ଜହ୍ନ ରାତିର।

ପ୍ରେମର କଦମ୍ବ ବନରେ
ମୁଁ ପ୍ରୀତି ପ୍ରଦାୟିନୀ ରାଧା
ଯୁଗରୁ ଯୁଗାନ୍ତର ଯାଏ
ଏଇମିତି ଶୁଭୁଥାଉ ଅହରହ
ତମ ବଂଶୀର ମୂର୍ଚ୍ଛନା
ମୁଁ ଭୁଲି ଯାଉଥାଏ
ନିଜର ଅସ୍ତିତ୍ୱ
ଜାଣିବି ପାରେନି
ସ୍ୱପ୍ନରେ ଅଛି କି ବାସ୍ତବତାରେ
ପୁଲକ ଭିତରେ କି ପ୍ରବଣତାରେ।

ସୁବିଶାଳ ନୀଳ ଆକାଶଟେ ତମେ
ମୁଁ ପ୍ରେମର ପକ୍ଷୀ ଟିଏ
ସୁନୀଳ ସାଗରର ଗଭୀର
ଜଳ ରାଶି ତମେ
ତରଙ୍ଗାୟିତ ଲହରୀ ମାଳା ମୁଁ
ତମରି ବକ୍ଷରେ।

ଭରା ଫଗୁଣରେ
ଆମ୍ବ ବଉଳର
ମହ ମହ ବାସ୍ନା
ତମେ ପ୍ରତିଶ୍ରୁତିର
ପେଣ୍ଡା ପେଣ୍ଡା ଫୁଲ
ମୋତେ ଭିଡି ଧରି ଥାଏ
ଅଦୃଶ୍ୟରେ ତମ
ପ୍ରୀତିମୟତାର
ଅଭେଦ୍ୟ ବଳୟ।

ଜାଣିବି ହୁଏନି
ମୁଁ ଆବେଗରେ ଥାଏ
କି ଅନୁରାଗରେ
ଇଚ୍ଛାରେ ଥାଏ କି ଅଭିବ୍ୟକ୍ତିରେ।

ମୋ ଅଭୁଲା ଅତୀତର
ସ୍ମୃତିରେ ତମେ
ବାସ୍ତବତାର ବର୍ତ୍ତମାନରେ ବି
କବିତାର ପ୍ରତିଟି ଶବ୍ଦରେ ତମେ
ନିଃସର୍ତ୍ତ ସମର୍ପଣରେ ବି।

ଜୀବନର ପ୍ରତିଟି ମୋଡ଼ରେ
ତମେ ରହିଥାଅ
ବିଶ୍ୱାସର ବନ୍ଧନ ଟିଏ ହୋଇ
ତମ ପାଇଁ ସମର୍ପିତ
ମୋ ପ୍ରେମର ସକଳ ମୁହୂର୍ତ୍ତ....!

---



ମାହାଙ୍ଗା, କଟକ

---

ପ୍ରେମ ବିଶେଷାଙ୍କ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

# ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସୃଜନୀ ପରିବାର (ଚେନ୍ନାଇ )



## ନୀଳାଭ ସ୍ୱପ୍ନ

ସରୋଜିନୀ ଦାସ

ମୋ ନୀଳାଭ ସ୍ୱପ୍ନ ତୁମେ,
ଉତୁରା ଉତୁରା.......
ଉଷ୍ମ ଆଲିଙ୍ଗନେ, ପ୍ରେମ ତୁମ
ବତୁରା ବତୁରା ।
ସେ ପ୍ରେମ ରେ ଶ୍ୱାସ ନେଲି
ଯେବେଠୁ ପ୍ରିୟତମ!!! !!!
ଧରା ଲାଗେ,
ସ୍ୱର୍ଗ ଠୁ ଅଭୁଲା ...
ସେବେଠୁ ସବୁକିଛି
ମୋର ନୀଳମୟ
ମିଠା ମିଠା ମାର୍ମିକ ଯନ୍ତ୍ରଣା ।

ମରୁ ରେ ଫୁଟିଗଲା ଫୁଲ
ମୋ ପାଇଁ,
ନିଦାଘ ରେ କଇଁ
ଅବେଳେ ବଉଳି ଉଠେ ବଉଳ,
କଦମ୍ବ ର କଢ ଉଠେ ଚେଇଁ।
ବଂଶୀ ତୁମ ସୁର ଭରେ....
କାହିଁ କେଉଁ ବହଳ ଅନ୍ଧାର ସେପଟୁ,
ଗହଳ ତମାଳ ବନେ ,
ପ୍ରିୟା ତୁମ ଛଟପଟ
ମନ ଖାଲି ବେପଥୁ ...ବେପଥୁ ।

ଯୁଗ ଯୁଗର ଦୁର୍ବାର ବାସନା ନେଇ
ଅତିକ୍ରମିଛି ଅନେକ ପଥ......
ସନ୍ଦେହର ,
ନୀଳ ବିଶ୍ୱାସ ର ,
ପିଇଛି ଅନେକ ସ୍ୱେଦ ଲହୁ
ଯନ୍ତ୍ରଣାକ୍ତ ଜୀବନ ଜଞ୍ଜାଳ..... ।

ବହିଛି ଅନେକ କ୍ଷତ
ଶରୀରେ ଶରୀରେ
ମନକୁ କରିଛି ଶତଧା ବିଭକ୍ତ ।
ସହସ୍ର କଟାକ୍ଷରେ
ଶରବିଦ୍ଧା ହରୀଣିଟି ପରି
ଧାବିତ ମୁଁ ତୁମରି ରାହା ରେ...
ପାଇବାକୁ ସେଇ ଟିକେ
ନୀଳାଭ ଆଶ୍ଳେଷ ।

ଯେବେ ------
ତୁମେ ମୋତେ
ଆଉଜେଇ ନେବ
ବକ୍ଷ ପରେ
ରଖିଦେବ ମୋ
ହାତ ପରେ
ତୁମ ହାତ ର ସେ
ଅଭୟ ପରଶ।
ସେବେ -----
ଛନ୍ଦ ତୋଳି ନାଚିବ ଯମୁନା ର ଜଳ
ଶତ କଦମ୍ବ ର ରୋମାଞ୍ଚରେ
ଶିହରିତ ହେବ ତନୁମନ।
ମୋହନ ବଂଶୀ ରେ ବି
ଛନ୍ଦାୟିତ ହେବ......
ପ୍ରେମର ରାଗିଣୀ
ମୁଁ କେବଳ
ଅନୁଭବୁଥିବି
ଆତ୍ମାରେ ଆତ୍ମାରେ------
କଳଙ୍କିନୀ ରାଧା ବିରହିଣୀ
*************



।କଳିଙ୍ଗ ବିହାର,ଭୁବନେଶ୍ୱର।

ପ୍ରେମ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ତୁମେ

**ଜୟଶ୍ରୀ ପଟ୍ଟନାୟକ**

ମୁଁ ପ୍ରତିଥର ଆସୁଥିବି ବିଜନ ବେଳାରେ
ଆଣିଥିବି ସାତ ରଙ୍ଗ ଭିତରୁ
ବାଛି ବାଛି ମୁଠାଏ ନୀଳ ରଙ୍ଗ ।

ଯେଉଁ ରଙ୍ଗରେ ତୁମେ ଦିଶୁଥିବ
ନୀଳରୁ ଘନ ନୀଳ
ବଙ୍କିମ ଅଧରରେ ହସୁଥିବ ମୁରୁକି
ବାଙ୍କ ଚୂଳ ବେଶରେ ଚୋରାଉଥିବ ଚିତ୍ତ
ହୃଦୟର ଆପ୍ତ ବାଣୀ ରେ ଜଡେଇ ଧରିଥିବ ।

ତୁମ କଟିର କିଙ୍କିଣି ବାଜିଲେ
ମତୁଆଲା ହୋଇ ଉଠିବ ମୋ ପାଦ ପାଉଁଜି
ବଂଶୀର ମଧୁର ସ୍ୱନରେ
ମନେ ଭାଙ୍ଗୁଥିବ ସାତ ସାଗର ଲହଡି
ସପ୍ତରାଗ ର ମୂର୍ଚ୍ଛନାରେ ମୁଁ ଗାଉଥିବି
ତୁଣ୍ଡରେ କୃଷ୍ଣ ନାମ ।

ଭୁଲି ଯାଇଥିବି କୂଳ ଭୁଆସୁଣି ବେଶ
ଆବର ଯେତେ ଲୋକ ଅପବାଦ
ଯେଦିନ ତୁମକୁ ଦେଖିବି ପ୍ରଥମ କରି
ମୋ ଶାଶ୍ୱତ ପ୍ରେମର କୁଂକୁମ ଲଗାଇ
ମୋ ନିଃଶ୍ୱାସ ର ପ୍ରତି ସ୍ପନ୍ଦନରେ
ଉତୁରି ଆସୁଥିବ ,ମୁଁ ତୁମକୁ ଭଲ ପାଏ ।

ସବୁ ଯନ୍ତ୍ରଣା କୁ ଗରଳ ପରି ପିଇ
ମୁଁ ଆସିଛି ରାଧାରାଣୀ ବେଶରେ
ଖେଳିବାକୁ ତୁମ ସଂଗେ ହୋରି
ସାଙ୍ଗରେ ଆଣିଛି ରଙ୍ଗ ପିଚକାରୀ
ମୁଠା ମୁଠା ଅବିର ସାଙ୍ଗକୁ ପ୍ରୀତିର ରଙ୍ଗ ।

ଯେଉଁ ରଙ୍ଗ ଲାଗିଲେ ଋତୁଚକ୍ର, ବନସ୍ପତି
ନଈକୂଳ, ଜହ୍ନରାତି, ତାରକିତ ଆକାଶ,
ଆବର ପକ୍ଷୀ କାକଳି, କୋଇଲି ସ୍ୱନ,
ଆମ୍ର କୁଞ୍ଜ,ମାଳତୀ ଲତା, କେଳି କୁଞ୍ଜ
ସବୁ ଲାଗୁଥାଏ ପ୍ରେମମୟ, ଜୀବନ୍ତ,
ତୁମ ଉପସ୍ଥିତିରେ ।

ଆଉ ନ ଥିଲେ ତୁମେ
ଦେହରେ ନ ଥାଏ ଅସ୍ତିତ୍ୱ
ପ୍ରଶ୍ୱାସେ ନ ଥାଏ ଜୀବନ
ଆଖିରେ ନିଷ୍ପ୍ରଭ ହୋଇଯାଏ ଜ୍ୟୋତି
ଶରୀର ପାଲଟି ଯାଏ ଜୀଅନ୍ତା ଶବ ।

ମନରେ ବାଜି ଉଠେ ମେଘ ଡମ୍ବରୁ
ହୃଦାକାଶେ ହେଉଥାଏ ସାତ ମେଘ ମେଳି
ମୁହୂର୍ତ୍ତ ସବୁ ହଜି ଯାଉଥାନ୍ତି ମାହେନ୍ଦ୍ର ବେଳା ର
ଖାସ ତୁମକୁ ଦେଖିବାର ଇଚ୍ଛା ମାନଙ୍କରେ...
ହଁ । ତୁମକୁ ଦେଖିବାର ଇଚ୍ଛା ମାନଙ୍କରେ ।

ମଧୁସୂଦନ ନଗର,ଜଟଣୀ-୭୫୨୦୫୦,ଖୋର୍ଦ୍ଧା



ପ୍ରେମ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଉପହାର



# ରୂପେଲି ଅଗଣା



**ଦୀପକ କୁମାର ଦେ**

ସ୍ୱପ୍ନ ସିକ୍ତ ରୂପେଲି ଅଗଣା ,ଦୀପ୍ତିମନ୍ତ ନକ୍ଷତ୍ର ଗହଣେ ,
ସୁବର୍ଣ୍ଣ ବଳୟେ କୋମଳ ଅଙ୍ଗେ ଆଙ୍କିଛି ପ୍ରାଣର ସ୍ପନ୍ଦନେ;
ନୁହଁଇ ରାଜ ଭବନ, ଲଜ୍ଜା ଭୂଷଣେ ପୁଷ୍ପକୁଞ୍ଜ କୁଟୀର,
କଜ୍ଜଳିତ ସ୍ୱରୂପ :ଅପୂର୍ବ  ଆତ୍ମବିଶ୍ୱାସ ଓ ବିସ୍ତାରର ।

ପ୍ରବୀଣ ତରୁଣ ରଙ୍ଗେ ବିମଳ ବୈଦୁର୍ଯ୍ୟ-ବିଭା-ଝଲକେ-
ବିଚ୍ଛୁରିତ ;ମଧୁଗୀତି ସୁରେ ସରମୀ ମାୟାମୟ ପୁଲକେ,
ସଜ୍ଜଳ ନୟନେ ହଳଦୀ-ଚମ୍ପାପୁଷ୍ପ ମେଘ-ସବାରି ସ୍ୱପ୍ନ-
ଧୀରେ ଆଲିଙ୍ଗେ ; ମନ୍ତ୍ର ପରଷେ  ପ୍ରାଣସ୍ପର୍ଶୀ ସାନ୍ଧ୍ୟ ସମୀରଣ ।

ଚାନ୍ଦିନୀ ଚୁମ୍ବିତ ସ୍ୱପ୍ନ ସାଗର  ଚମକିତ ମୁକ୍ତ ପରାଣେ,
ରୂପ ପାରାବରେ ଚୋରା ଚାହାଣୀରେ ପ୍ରୀତି ପ୍ରଣବ ରୋପଣେ-
ଚୁମିଯାଏ  ନୈସର୍ଗିକ ନୀରବ ପ୍ରବଣତା  କୁନି ପାଦରେ,
ଅପେକ୍ଷାରତ ସନ୍ଧ୍ୟା ଆଗମନୀରେ ,ମୁଗ୍ଧ ରଜନୀଗନ୍ଧାରେ  ।

ଆନମନା  ମନୋଲ୍ଲାସ: ଶିଶିରସିକ୍ତ ସାଦର  ଆମନ୍ତ୍ରଣ !!
"ଆସ ଗୋ ଗୁଣ୍ଠନବତୀ ପରୀରାଣୀ", ଉଚ୍ଚାଟିତ ଏଇ ତନୁମନ !!!!

**। ଅନୁଗୋଳ , ଓଡିଶା ।**



ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# " ରା "

## - ସେ ମୋର ପ୍ରେମାସ୍ପଦ -

ରମେଶ ଚନ୍ଦ୍ର ପସାଏତ୍

ପ୍ରେମ ଅସରନ୍ତି ଶାଶ୍ୱତ ବିଭବ
ପୀୟୁଷ ସରସ ନିତ୍ୟ ଗୀତନବ
ଅଖଣ୍ଡ ଆନନ୍ଦ ଶ୍ରୀକୃଷ୍ଣଙ୍କ ଭାବ
ଅଟଇ ଦୁର୍ଲଭ ଏ ପ୍ରେମ ସମ୍ବେଗ ।

କୃଷ୍ଣମୟ ମୋର ହୃଦୟ ସ୍ପନ୍ଦନ
ପ୍ରାଣ ସନ୍ଦିପନୀ ତାଙ୍କ  ବଂଶୀ ସ୍ୱନ
ସେ ମୋ ପ୍ରେମାସ୍ପଦ ନୟନ ରତନ
ସର୍ବୋତ୍ତମ ଅନୁପମ ମହିମାନ ।

ଶ୍ରୁତି ସୁଖ ତାଙ୍କ ଚାରୁ ବେଣୁ ସ୍ୱନ
ତହିଁ ଅପ୍ରାକୃତ ଦିବ୍ୟ ଆକର୍ଷଣ
ବିମଳ କମଳ କି ଛନ୍ଦା ଚରଣ
କୋଟି କାମ ସମ ନୁହେଁ କଦାଚନ ।

ଆଖିରେ ସେ ରୂପ ଲାଖିଗଲେ ଥରେ
ଆହା କି ପ୍ରେମର ନିତ୍ୟ ଝର ଝରେ
ଲୋଟିଯାଏ ମନ ପକ୍ଷୀ ତା ପୟରେ
ଆଦୌ ସେ ଚାହେଁ ନା ଯିବାକୁ ବହାରେ ।

ସେ ଆନନ୍ଦ ଧାମ ମୋ ପ୍ରାଣ ରାଧାର
ତାଙ୍କ ସୁଖ ମାତ୍ର ଏକ ଇଚ୍ଛା ତାର
ଲୋଡ଼ା ନାହିଁ ସ୍ୱର୍ଗ ସୁଖ ମୁକ୍ତି ମୋର
ଜନ୍ମେ ଜନ୍ମେ ତାଙ୍କ ହେବି ସେବାକାର ।

ଆହା କି ଲଳିତ ଆହା କି ସୁନ୍ଦର
ଅଖିଳ ବ୍ରହ୍ମାଣ୍ଡେ ନାହିଁ ପଟାନ୍ତର
କୃଷ୍ଣାନନ୍ଦମୟ ସକଳ ସଂସାର
ସାରା ଅବୟବ ତାଙ୍କ ଖେଳଘର ।

କୃଷ୍ଣ ସୁଖ ଲାଗି ଏ ମୋର ଜୀବନ
ଶିବ ବ୍ରହ୍ମ ପଦ ନାହିଁ ପ୍ରୟୋଜନ
ମନ ପବନ ମୋ କୃଷ୍ଣେ ସମର୍ପଣ
ଜାଣେନା ମୁଁ ଜ୍ଞାନ ଅଜ୍ଞାନ ବିଧାନ ।

ଜାଣେ ନା ମୁଁ ଆତ୍ମା ପରମାତ୍ମା କଣ?
ଅନ୍ତର ବାହାରେ ସଦା ମୋର କୃଷ୍ଣ
ଆନନ୍ଦ ଲହରୀ ଉଠେ ଘନ ଘନ
ଶୁଭେ ଅନାହତେ ମୁରଲି  ନିଃସ୍ୱନ ।

ତନ୍ମୟ ମୁଁ ତହିଁ ମନମୟ ହୋଇ
ଦେଖୁଥିବି ତାଙ୍କୁ ବୁଜିଲେ ବି ଆଖି
ପ୍ରେମାସ୍ପଦ ଆହା ନିତ୍ୟ ସୁଖେ ଥାଉ
ମୋର ଦେହ ତାର ସବୁ ଦୁଃଖ ସହୁ ।

---

ନି, ଶରଧା
(ସଂସ୍କୃତ ଶିକ୍ଷକ)
ନଟବର ଉଚ୍ଚବିଦ୍ୟାଳୟ
କଣ୍ଢେଇକେଲା,ଝାରସୁଗୁଡ଼ା



ପ୍ରେମ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ପ୍ରେମ

ଖଲିଲ୍ ଜିବ୍ରାନ୍



ଯେବେ ଅଲମିତ୍ରା - କହିଲେ
ଆମକୁ ପ୍ରେମ ବିଷୟ ରେ କୁହ
ସେ ମୁଣ୍ଡ ଉଠାଇଲେ ...
ଏବଂ ସେହି ଲୋକମାନଙ୍କୁ ଚାହିଁଲେ -
ସମସ୍ତଙ୍କ ଉପରେ ଶାନ୍ତି ବିରାଜମାନ କଲା ....
ଗହିର ସ୍ୱର ରେ ସେ କହିଲେ -

ପ୍ରେମର ସଙ୍କେତ ମିଳିବା ମାତ୍ରେ
ତା'ର ଅନୁଗାମୀ ହୁଅ ... ।
ହୋଇପାରେ ତା'ର ରାସ୍ତା କଠିନ ଓ ଦୁର୍ଗମ ....
ଯେତେବେଳେ ପ୍ରେମ ତା ବାହୁ ପ୍ରସାରିବ –
" ନିଜକୁ ସମର୍ପି ଦିଅ " ... ।
ହେଇ ପାରେ-ତା'ର କୋମଳ ଚାଦର ତଳେ
ତଲବାର୍ ଲୁଚି ଥାଇପାରେ ...
ତୁମକୁ ଲହୁ ଲୁହାଣ କରି ଦେଇ ପାରେ
ତଥାପି ...
ଯେତେବେଳେ ସେ ଶବ୍ଦ ରେ ପ୍ରକଟ ହେବ
ତା'କୁ ବିଶ୍ୱାସ କର......
ହେଇପାରେ ତା'ର ଶବ୍ଦ
ତୁମର ସବୁ ସ୍ୱପ୍ନ କୁ ଖିନ୍ ଭିନ୍ କରିପାରେ ...
ଯେମିତି ବାତ୍ୟା ଉଜାଡ଼ି ଦିଏ ଉପବନ
କାରଣ - "ପ୍ରେମ ଯଦି ତୁମକୁ ସମ୍ରାଟ୍
କରିପାରେ- ତୁମର ବଳୀଦାନ ବି ନେଇପାରେ ... "

ପ୍ରେମ- କେତେବେଳେ ତୁମକୁ
ଦେଇ ପାରେ ବିସ୍ତାର...
ତ କାଟି ପାରେ ତୁମ ପକ୍ଷର ସମସ୍ତ ପର....
ଯେପରି ପ୍ରେମ ତୁମକୁ ସର୍ବୋଚ୍ଚ ଶିଖରକୁ ଉଠାଏ
ଏବଂ ସମସ୍ତ ତାପ ଉତ୍ତାପ ରେ ସୁରକ୍ଷିତ ରଖିପାରେ ...
ସେପରି ତୁମର ଗଭୀର କୁ ମଧ୍ୟ ଓହ୍ଲାଇ ପାରେ...
ମୂଳ ଭିତିକୁ ଦୋହଲାଇ ଦେଇ ପାରେ..... ।

ପ୍ରେମ...
ଶସ୍ୟ କ୍ଷେତ ରୁ ତୁମକୁ କାଟି ଆଣେ
ଏକତ୍ରିତ କରେ , ଯନ୍ତ୍ର ରେ ପକାଇ ଗୁଣ୍ଡ କରେ ...
ଛାଣେ..ଯେମିତି ତୁମେ ମୁକ୍ତ ହେବ ,
ଆବରଣ ଶୂନ୍ୟ ହେବ..
ତୁମକୁ ପେଷେ - ଉଜ୍ଜଳ ଚମକ୍ ପର୍ଯ୍ୟନ୍ତ
ଦଳେ ଚକଟେ ନରମ ହେବା ପର୍ଯ୍ୟନ୍ତ ....
ଉତପ୍ତ ନିଆଁ ରେ ସେକେ
ତୁମେ " ରୁଟି " ହୋଇ ବାହାରି ଆସିବ
ଈଶ୍ୱରଙ୍କ ପବିତ୍ର ଭୋଗ ନିମନ୍ତେ ... ।
ପ୍ରେମ....ତୁମ ସହ ଏହା ହିଁ କରେ .. କରିବ.. ।

ହୃଦୟର ରହସ୍ୟ କୁ ବୁଝିବା ପର୍ଯ୍ୟନ୍ତ
ଏବଂ ତୁମେ ହୃଦୟର ଏକ ଅଂଶ..
ଏ ଅନୁଭବ ପର୍ଯ୍ୟନ୍ତ – ପ୍ରେମ ଏହା ହିଁ କରେ... ।
କିନ୍ତୁ .. ତୁମେ ଯଦି ଭୟଭୀତ ହୁଅ
ଯଦି ପ୍ରେମରେ ତୁମେ କେବଳ
ଶାନ୍ତି ଓ ସୁଖ ଚାହିଁ...
ତେବେ ତୁମ ପାଇଁ ଏହା ହିଁ ଠିକ୍ ହେବ –
ନିଜତ୍ୱ -ଭିତରେ ନିଜକୁ ଢାଙ୍କି ଦିଅ .... ଆଉ
ପ୍ରେମର ପବିତ୍ର ବେଦୀରୁ ବାହାରକୁ ବାହାରି ଯାଅ ...।

....କ୍ରମଶଃ..................

ପ୍ରେମ ବିଶେଷାଙ୍କ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

# ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସୃଜନୀ ପରିବାର (ଚେନ୍ନାଇ )

ଫେରିଯାଅ ...
ସେହି ଋତୁ ହୀନ ଦୁନିଆକୁ ...
ଯେଉଁଠାରେ -ତୁମ ହସରେ
ନା- ସଂପୂର୍ଣ୍ଣ ଖୁସୀ ଥିବ ..
ନା- ତୁମ କାନ୍ଦ ରେ ସଂପୂର୍ଣ୍ଣ ଲୁହ ଥିବ .....
ପ୍ରେମ ନିଜକୁ ନିଜଠୁଁ - ଅଧିକ କିଛି ଦିଏନା ...
ନା ,... ବଦଳରେ ଅଧିକ କିଛି ନିଏନା .... ।

"ପ୍ରେମ- ପ୍ରେମ ଦିଏ ବଦଳରେ ପ୍ରେମ ହିଁ ନିଏ "
ପ୍ରେମ-କାହା ଉପରେ ନିୟନ୍ତ୍ରଣ  ରଖେନା
କାହା ନିୟନ୍ତ୍ରଣରେ ରହେନା ... କାରଣ
ପ୍ରେମ ପାଇଁ ପ୍ରେମ ହିଁ ପର୍ଯ୍ୟାପ୍ତ ଅଟେ..

ଯେତେବେଳେ ପ୍ରେମ ପୂର୍ଣ୍ଣ ଥାଅ ....
ଏହା କୁହ ନାହିଁ - ଇଶ୍ୱର ମୋ ହୃଦୟ ରେ ଅଛନ୍ତି ...
ବରଂ କୁହ -  ମୁଁ ଇଶ୍ୱରଙ୍କ ହୃଦୟ ରେ ଅଛି ... ।

ଏହା କେବେ ବି ଭାବ ନାହିଁ
ପ୍ରେମକୁ ତୁମେ ପଥ ଦେଖାଇବ
ପ୍ରେମ ଯଦି ତୁମକୁ ଯୋଗ୍ୟ ବୋଲି ଭାବେ ...
ତୁମକୁ ସେ ବାଟ ଦେଖାଇବ ।

ନିଜର ପରିପୂର୍ଣ୍ଣତା ଠୁ ଅତିରିକ୍ତ
ପ୍ରେମର କୌଣସି ଅଭିଳାଷ ନାହିଁ ।
କିନ୍ତୁ ... ତୁମେ ଯଦି ପ୍ରେମ କରୁଥାଅ
ତଥାପି ... ତୁମ ନିଜର କିଛି ଇଛା ଥାଏ ...
ତେବେ , ସେ ସବୁର ରୂପାନ୍ତରଣ
ଏପରି କର... ଯେମିତି ତୁମ ଇଛା ସବୁ ତରଳି
ଝରଣା ପରି ବହିବାକୁ ଲାଗେ...
ଯିଏକି ମଧୁର  ସ୍ୱରରେ
ରାତି ପାଇଁ ଗୀତ ଗାଉଥିବ...।
ପ୍ରେମକୁ ବୁଝିବା ପାଇଁ ନିଜକୁ କ୍ଷତାକ୍ତ ହେବାକୁ ଦିଅ ....
କରୁଣା ଅନୁଭବିବାକୁ ରକ୍ତ ବହିବାକୁ ଦିଅ ....।



ନିଜ ଇଚ୍ଛା ରେ ସହର୍ଷ ସକାଳୁ ଏମିତି ଉଠ
ଯେମିତି ହୃଦୟ ଉଡିବାକୁ ସମର୍ଥ ହେବ ....
ଏବଂ ଅନୁଗୃହୀତ ହୁଅ
ଆଉ ଏକ ସୁନ୍ଦର ପ୍ରେମର
ନୂଆ  ସକାଳଟି ଏ ପାଇଁ ...
ମଧ୍ୟାହ୍ନରେ – ବିଶ୍ରାମରେ ସମାଧିସ୍ଥ ହୁଅ ...
ଏବଂ ସଂଧ୍ୟାରେ କୃତଜ୍ଞତା ର ସହ
ଘରକୁ ଫେରି ଯାଅ ...।

ଏହା ପରେ ଶୋଇପଡ...
ପ୍ରିୟତମ ପାଇଁ ପ୍ରାର୍ଥନା ନେଇ
ଓଠରେ .... ହୃଦୟ ରେ ......॥

-----------------------------------

**(ଖଲିଲ୍ ଜିବ୍ରାନ୍ ଙ୍କ " ପ୍ରେମ " କବିତାର ଭାଷାନୁବାଦ)**

**ଖଲିଲ୍ ଜିବ୍ରାନ୍** (  ଜନ୍ମ -ଜାନୁଆରୀ - ୬ - ୧୮୮୩ – ମୃତ୍ୟୁ  -ଏପ୍ରିଲ- ୧୦ -  ୧୯୧୩) - ସେ ଜଣେ ଲେବାନଏସ ଏବଂ  ଆମେରିକାନ  ବାସିନ୍ଦା ସହ  ବିଶ୍ୱ ପ୍ରସିଦ୍ଧ କବି ,ଲେଖକ ଚିତ୍ରକର,ଦାର୍ଶନିକ , ଧର୍ମଶାସ୍ତ୍ରୀ , ଦୃଶ୍ୟ କଳାକାର ଥିଲେ । ତାଙ୍କର ଶ୍ରେଷ୍ଠ ସୃଜନ କୃତି ହେଉଛି "  ଦି  ପ୍ରୋଫେଟ  ଏବଂ ବ୍ରୋକଏନ   ଉଇଙ୍ଗସ "

ପ୍ରେମ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ପ୍ରେମ... ସେତୁ ଟିଏ

**ସବିତା ଶତପଥୀ**

ପ୍ରେମ....
ଅସମାପ୍ତ ପ୍ରୀତି ର ପିଆଲାଟିଏ ,
ସଦା ସୁଗନ୍ଧିତ ମୃତ୍ୟୁ ହୀନ ଫୁଲଟିଏ ।

ପ୍ରେମ.....
ଗଙ୍ଗୋତ୍ରୀ ର ନିର୍ମଳ ସ୍ୱଚ୍ଛ
ପ୍ରଦୂଷଣ ହୀନ ସୁଧା ଧାରାଟିଏ,
ସ୍ୱର୍ଗୀୟ ଆନନ୍ଦର
ଅହରହ ପ୍ରଜ୍ୱଳିତ ଅଗ୍ନିଶିଖାଟିଏ ।

ପ୍ରେମ...
ସ୍ପନ୍ଦନର ଅସୀମ ଆକାଶ,
ବିସ୍ତୀର୍ଣ୍ଣ ସାଗର,
ମୁକ୍ତ ଢେଉରେ ତରଙ୍ଗାୟିତ
ମୋ ନିଃଶ୍ୱାସ ଓ ତୋ ବିଶ୍ୱାସର ସର୍ତ୍ତଟିଏ ।

ପ୍ରେମ...
ଜୀବନ ଦରିଆ ରେ
ଆସ୍ଥା ରଖିବା ଭଳି ନାଁ ଟିଏ ।
ନଈ ର ଦୁଇ କୂଳକୁ
ଯୋଡିଲା ଭଳି ସେତୁ ଟିଏ ।

ପ୍ରେମ...
ସ୍ନିଗ୍ଧ ଅଥଚ ଶିତଳ ସ୍ପର୍ଶଟିଏ
ମୋ ଚଉହଦିରେ
ବେଳେ ବେଳେ ମୋତେ
ଆନମନା କରୁଥିବା ଇଶ୍ୱରଟିଏ ।

ପ୍ରେମ...
ସଂକୀର୍ଣ୍ଣ ଦେହଜ ଅନୁଭବ ନୁହେଁ;
ବରଂ ଆତ୍ମିକ ଏକତ୍ୱ
ଜଣକ ଭିତରେ ଅନ୍ୟ ଜଣକର ଆଶ୍ଚର୍ଯ୍ୟ ଅସ୍ତିତ୍ୱ,
ସଂପୂର୍ଣ୍ଣ ଶାଶ୍ୱତ ।

**କୁନ୍ଦୁରା...ଜୟପୁର**



ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଭଲ ପାଇଛି

ପ୍ରିୟଦର୍ଶିନୀ ମହାରଣା

ମୁଁ ଭଲପାଇଛି  ତୁମକୁ
ମୋ ମନକୁ ଉଡାଇ ଦେଇଛି
ତୁମ ମନ ଆକାଶ ରେ
ସ୍ମୃତି ର ଫଗୁଣରେ
ପଖାଳିଛି ମୋ ପଣତ
ମୋ ହୃଦୟ କୁ ଖଞ୍ଜିଦେଇଛି
ଫୁଲ ର ପାଖୁଡ଼ା ରେ
ମୋ ଦେହ ର ଛଳ ଛଳ
ବିଭୋର ବାସ୍ନାରେ
ମୁଁ ମହକାଇଛି ପ୍ରୀତିର ଅମୃତ
ତୁମ ଅଗଣା ରେ
ଜହ୍ନର ଝୋଟି ପକାଇ
ଦେଖ, ମୁଁ ମୁକୁଳିତା
ମୋ ଦେହର ଶତ ପାଖୁଡାରେ
ମୁଁ ଛିଟିକି ଯାଉଛି
ତୁମ ମନ ସମୁଦ୍ର କୁ
ମୋ କବରୀର ଭାସମାନ ମେଘ
ବରଷି ଯାଏ ତୁମ ମନ ବନରେ
ମୁଁ ଏବେ ବିସ୍ତାରିତ
ସମୁଦ୍ର ରୁ ଆକାଶ
ପ୍ରସ୍ଫୁଟିତ  ଫୁଲ ରୁ କିଶଳୟ

ତମେ ଜାଣିଛ  ?
ଏତେ ପରେ ବି ମୁଁ ବନ୍ଦିନୀ
ତୁମ  ଅଭିମାନରେ
ତମ କ୍ରୋଧର  ଉତପ୍ତ ଲାଭା ରେ
ପୋଡି ଯାଏ  , ଛଟପଟ ହୁଏ
ତମ ସନ୍ଦେହ ରେ ମୁଁ
ଖୁବ୍  କୁହୁଳି ଯାଏ କି
ମୁକ୍ତାର  କାକର ବିନ୍ଦୁ ରେ
ରତୁ ସ୍ନାନ କରେ
ସବୁ ପରେ କଣ୍ଟା ହୋଇ
କ୍ଷତାକ୍ତ କରେ
ମୋ ମନ ପରିଧିକୁ,
ରକ୍ତର ଝରଣା ଝରାଇ
ତମେ କୁହ ମୁଁ କୁଆଡେ
ଜବା ଅଧରୀ  ।।

-----------------------------

ବାଲୁଗାଁ ,ଓଡିଶା



ପ୍ରେମ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଆଃ !! ଆନନ୍ଦମୟ ....



ବନ୍ଦିତା କର

ଚତୁର୍ଦ୍ଦିଗ ପ୍ରେମମୟ ....
ଆଖିର ପଲକ ରେ
ଲୁହ ନୁହଁ,
ପ୍ରେମକୁ ଲୁଚାଇ ରଖିଲି ...
ଦେଖିଲି
ଚତୁର୍ଦ୍ଦିଗ ପ୍ରେମମୟ !
ଏକ ସୂକ୍ଷ୍ମ ଚେତନାର ସ୍ପର୍ଶ
ମୋତେ ଛୁଇଁ ଛୁଇଁ ଯାଉଥିଲା ...
ଆଉ କହୁଥିଲ
ଦେଖ୍ ! ଚତୁର୍ଦ୍ଦିଗ ପ୍ରେମମୟ
ଆଃ ! ଚତୁର୍ଦ୍ଦିଗ ଆନନ୍ଦମୟ !!

ଆନନ୍ଦକୁ ଶ୍ୱାସ ସହ
ରଂଚି ରଂଚି ଜିଇଁବାର
କଳା ହିଁ ତ "ପ୍ରେମ " ...
ନିର୍ବାକ ନିଶ୍ଚଳ ନିଃଶବ୍ଦେ
ହଜି ହଜି ମଜ୍ଜି ଯିବାର
ସ୍ପନ୍ଦନ ତ' "ପ୍ରେମ " ...!!

ହୃଦୟ ଅଗଣାରେ ....
ଆକାଂକ୍ଷା ନୁହେଁ
ପ୍ରେମର ଦୀପାଳି ଟେ
ଜଳେଇ ରଖିଲି ଦେଖିଲି
ଚତୁର୍ଦ୍ଦିଗ ପ୍ରେମମୟ !
ଏକ ସ୍ନିଗ୍ଧ ସାନ୍ତ୍ୱନାର ବର୍ଷା
ବୋଧେ ଝରିଝରି ଯାଉଥିଲା
ଆଉ କହୁଥିଲା ...
ଦେଖ୍ !
ତୋ ଭିତରଟା ପ୍ରେମମୟ !
ଆଃ ! ଚତୁର୍ଦ୍ଦିଗ ଆନନ୍ଦମୟ !

---------------------------

ନବରଂଗପୁର,ଓଡିଶା

ଭିନ୍ନ ଏକ ଅନୁଭବ...
କ୍ଷଣ କ୍ଷଣ ଝୁମିବାର
ନିଶା ହିଁ ତ' ପ୍ରେମ
ସବୁ ଭୁଲି , ସବୁ ଛାଡ଼ି
ଅନନ୍ତକୁ ପାଇବାର
ତୃଷା ହିଁ ତ' ପ୍ରେମ
ଅଭୀପ୍ସା ବାଲୁକା ଶଯ୍ୟାରୁ
ପ୍ରେମର ଶାମୁକାଟେ ଗୋଟାଇ ରଖିଲି !
ଦେଖିଲି
ଚତୁର୍ଦ୍ଦିଗ ମୁକ୍ତାମୟ !
ଏକ ଉଷ୍ମ ନୀଳିମାରେ
ମୋତେ ଥିରିଥିରି ଜାକୁଥିଲା
ଆଉ କହୁଥିଲା ...
ଦେଖ୍ ! ତୋ ଚାହାଣୀଟା
କେତେ ପ୍ରେମମୟ !
ଆଃ ! ଚତୁର୍ଦ୍ଦିଗ ଆନନ୍ଦମୟ !!

କେଉଁ ଏକ ଅଦୃଶ୍ୟର ...
ହାତ ଧରି ଚାଲିବାର ଭରସା ହିଁ ତ' ପ୍ରେମ
କେଉଁ ଏକ ସର୍ଜନାର
ମନ୍ତ୍ର ସୁରେ ନାଚିବାର ପର୍ବ ହିଁ ତ'ପ୍ରେମ
ପ୍ରଣୟର ଗହନ ରଂଗରେ
ରଂଗାୟିତ ସେ ମୟୂର ଚନ୍ଦ୍ରିକାକୁ
ଅନେଇ ରହିଲି ଦେଖିଲି ...
ଚତୁର୍ଦ୍ଦିଗ ପ୍ରେମମୟ !
ଏକ ସୂକ୍ଷ୍ମ ସମ୍ମୋହନୀ ଶକ୍ତି
ମୋତେ ମନ୍ତ୍ରମୁଗ୍ଧ କରୁଥିଲା
ଆଉ କହୁଥିଲା ...
ଦେଖ୍ ! ତୋ ଅସ୍ପୃହା ହିଁ
କେତେ ପ୍ରେମମୟ !
ଆଃ !ଚତୁର୍ଦ୍ଦିଗ ଆନନ୍ଦମୟ !!

---------------------------



ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
ସୃଜନୀ ପରିବାର (ଚେନ୍ନାଇ )

# ପ୍ରେମ



ସୁଧିରାଜ ରାଉତ

ପ୍ରେମ କେବଳ
ସକାଳ ର କଅଁଳ ସୂର୍ଯ୍ୟ ନୁହେଁ
ବସନ୍ତର ସମ୍ଭାର ନୁହେଁ
ମିଳନ ଆଉ ଆଲିଙ୍ଗନ ନୁହେଁ ।
ପ୍ରେମ କେବଳ
ମା'ର ପଣତ ନୁହେଁ
ମନ୍ଦିର' ର ଆଳତୀ ନୁହେଁ
ସ୍ନେହ, ଆଦର ଆତିଥ୍ୟ ନୁହେଁ । .... .

ତୁ ଯାହା କହିଲୁ ସେସବୁ ପ୍ରେମ
ଏବଂ
ପ୍ରେମାସ୍ବଦର ପ୍ରତାରଣା 'ବି ପ୍ରେମ ହୋଇପାରେ
ଶେଷ ସାହାରା ବାଡି କୁ ଫିଙ୍ଗି ଦେଉଥିବା ହାତ '
ବି ପ୍ରେମ ହୋଇପାରେ..
ଅମା ଅନ୍ଧାରରେ ଦିକ୍ ଦିକ୍ ଜଳୁଥିବା ଶେଷ ଦୀପକୁ
ଲିଭେଇ ଦେଇଥିବା ପବନ' ବି ପ୍ରେମ ହୋଇପାରେ ।

ପ୍ରେମ କୁ ବନ୍ଧନୀରେ ବାନ୍ଧନାହିଁ,
ସେ ସଦା ବନ୍ଧନ ମୁକ୍ତା ...
ସେ ମୁକ୍ତ କରେ ସବୁ ବନ୍ଧନ ।

ହୃଦୟ,ହୃଦୟ ତାର ରେ ସୀତାର ଗଢେ
ଈଶ୍ୱର ସେଥିରେ ଗୀତ ରଚନ୍ତି
ସଭିଁଙ୍କୁ ସେ ଭିନ୍ନ ଭିନ୍ନ ରଙ୍ଗରେ ଭରେ
ଈଶ୍ୱର ସେ ରଙ୍ଗରେ ଚିତ୍ର ଆଙ୍କନ୍ତି ।

ସଭିଙ୍କ ସିଲଟରେ ତା ପରିଚୟ
ସେ ନିଜେ ଲେଖେ
ଯେ ପର୍ଯ୍ୟନ୍ତ ପ୍ରେମ ତା ଓଠରେ
ତା ପରିଚୟ କହିନାହିଁ ,
ତା ଆବରଣ ସେ ନିଜେ ଫିଟାଇ ନାହିଁ
ପ୍ରେମ ଆମ ପାଇଁ ଅପହଞ୍ଚ ରହିବ ।

ଯେବେ ଚିତ୍ର କରୁଥାଉ
ଅବା ଝାଡୁ କରୁଥାଉ ଅବା ଆଲିଙ୍ଗନ
ତୁ ନଥାଉ କିମ୍ବା ନଥାଏ ସମୟ
ସେଇଠୁ ପ୍ରେମର ପହଞ୍ଚ ଆରମ୍ଭ ହୁଏ ।

ତୋତେ, ମୋତେ ଆଉ ବଳକା ସବୁ
ଯିଏ ଗଢିଲେ ସେ ଯଦି ଈଶ୍ୱର ହୁଅନ୍ତି
ଯେଉଁ ଉପାୟରେ ଗଢିଲେ ତାହା ପ୍ରେମ ।
ପ୍ରେମ ନିଜେ ଲକ୍ଷ୍ୟ ନୁହେଁ
ଈଶ୍ୱରଙ୍କ ଅନ୍ତିମ ଉପାୟ ।

ସେ କାମନା ନିଆଁ ହୋଇ ଜଳେ
ଯଜ୍ଞ ନିଆଁ ହୋଇ ଆରୋହଣ କରେ ,
ସେ ବଂଶୀରେ ବିମୋହିତ କରେ
ରକ୍ତରେ ଆଙ୍କେ ପବିତ୍ର ଚିତ୍ର ,
ସେ ତୁମ ଅନ୍ଧାରରେ ଫୁଲ ଗଢ଼େ
ଆଲୁଅରେ ତୁମ ପୂଜାହୋଇ ମନ୍ଦିର ଯାଏ ,
ସେ ସୁଖର ତୁଟିରେ
ଦୁଃଖର ଲହୁଣି ଲଗାଇଦିଏ
ମିଳନରେ ଭରିଦିଏ ବିଚ୍ଛେଦର ରଙ୍ଗ ... ।
କାରଣ
ତୁମେ ଯେଭଳି ମୁକ୍ତ ହୋଇ ପାର
ସବୁ ସୀମାରୁ, ଶିକୁଳିରୁ ।
ସେ ନର୍କରେ ସ୍ୱର୍ଗ ର ମଞ୍ଜି ପୋତୁଥାଏ
ସ୍ୱର୍ଗରେ ନର୍କ ଆଡକୁ ଟରଳୁଥାଏ ।

ପ୍ରେମକୁ ବୁଝ ନାହିଁ !
ଜାଣିଚାଏ ଅନୁଭବି ପାରିବୁ ତ !
ଦେଖିବୁ ! ବହୁ ଶ୍ରମ କରି, ବହୁ କୃପା କରି
ପ୍ରେମ ତୋତେ ଗଢୁଛି ତା ନିହାଣ, ହାତୁଡିରେ
ଯେ ପର୍ଯ୍ୟନ୍ତ ତୁ ଅନୁଭବି ନାହୁଁ
ତୁ - ଈଶ୍ୱର -ଏ ସମଗ୍ର ଜଗତ ଏକ
... ସେ ପର୍ଯ୍ୟନ୍ତ ସେ ଗଢୁଥିବ ।

------------------------ ଖାତିଗୁଡା,ନବରଙ୍ଗପୁର---

ପ୍ରେମ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଭାବ ଯମୁନା

## ପ୍ରସନ୍ନ କୁମାର ମାଦଳା

ଭାବ ଯମୁନାର   ଉଛୁଳା ବୁକୁ ର
କୂଳର କଦମ୍ବ ବନେ
ମନ ମୋ ଲାଗିଛି   ଆନନ୍ଦ ସ୍ୱରୂପ
ନିଃସ୍ୱନ ମୂରଲୀ ସ୍ୱନେ ।
ଆସ ପ୍ରିୟତମ   ଆସ ହେ ମୋହନ
ଆସିବ ବି ତୁମେ ଜାଣି
ରାଜ ନନ୍ଦିନୀ ମୁଁ   ତନୁରୁ ଖସେଇ
ଉଡାଇ ଦେଇଛି କାନି ।
ପାଦ ମୋ ପଡୁଛି   ଅଳସୀ ବାଳାର
ନୂପୁର ଛନ୍ଦର ତାଳେ
ଚେତନା ତ ମୋର   ତୁମ ଦିଆ ପ୍ରୀତି
ସପନ କୁସୁମ ମାଳେ ।
ଶତ ବୃଶ୍ଚିକର   ଦଂଶନ ସହିଛି
ଜୀବନକୁ ଖୋଜି ବୁଲି
ଭାବ ଯୋଡି କ୍ଷଣେ   ଅନ୍ତର ହୋଇନି
ତ୍ୱମେବ ସମ୍ପଦ ଭୁଲି ।

ଆସିବ ଯଦିଓ   ସହଜ ଆସିବ
ଏହି ସନ୍ଧ୍ୟା ତାରା ତୁଲ
ତୁମକୁ ଦେଖିଲେ   ମୋ ବକ୍ଷ ଆକାଶେ
ଫୁଟେ ଅସୁମାରୀ ଫୁଲ ।
ବଂଶୀର ସୁରରେ   ପାଦ ଚହଲାଇ
ଆସ ଉପତ୍ୟକା ଧାରେ
ପାଦ ଚିହ୍ନ ଲକ୍ଷି   କମ୍ପମାନ ଓଷ୍ଠ
ଅନନ୍ତ ତୃଷ୍ଣାରେ ଘାରେ ।
ମୋର ବିଶ୍ୱାସର   ବିଶ୍ୱ ଅହରହ
ଘୂରିଲାଣି କକ୍ଷେ ଦେଖ
ଦ୍ୱାପର ଯୁଗରୁ   ଚାହିଁ ମୁଁ ବସିଛି
ତୁମରି ହିଁ ପାଦ ରେଖ ।
ଗାଇଛି ଗାଉଛି   ତୁମ ମୋ ଭିତର
ଗୋପନ ସମ୍ପର୍କ ଗୀତ
ତୁମେ ଅନୁପମ   ମୁହିଁ ନିରୁପମା
ଆସ ହେ ପରାଣ ମିତ ।

ଘର ନଂ - ଏଫ୍ / ୧୩, ସେକ୍ଟର – ୪ ,ରାଉରକେଲା - ୭୬୯



ପ୍ରେମ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନାରୀ କବି ସୁଷମା ପରିଜା ଙ୍କ ଦୁଇଟି କବିତା :



## ମୋ ପ୍ରିୟା

---

ବିଚିତ୍ର ବର୍ଣ୍ଣା ପ୍ରିୟା ମୋର
ଛଅ ଋତୁର ଛଅଟି ରଙ୍ଗରେ ଭରା ।
କେବେ ଗ୍ରୀଷ୍ମ ର ନିଦାଘ ଉଷ୍ଣ ଖରା ପରି
ଛୁଇଁ ଦେଲେ ନିଆଁ ଲାଗି ଯାଏ ଦେହରେ ମନରେ,
କେବେ ବର୍ଷାର ଧାରା ଶ୍ରାବଣ ଭଳି
ଅଜାଡି ଦିଏ ଅବାରିତ ପ୍ରୀତି ଧାରାରେ ।
କେବେ ଶରତର ନିର୍ମଳ ଜହ୍ନ ପରି ମୁହଁରେ ତା'ର
ମୋ ପ୍ରେମ ଟା ଦିଶୁଥାଏ ଜଳଜଳ ହୋଇ ,
କେବେ ହେମନ୍ତର ହିମ ଶୀତଳତା ଆଚ୍ଛାଦିତ କରେ
ମତେ ତା' କୃଷ୍ଣ କବରୀର ମଧୁର ଛାୟାରେ।
ଶିଶିର ର ବିନ୍ଦୁ ବିନ୍ଦୁ କାକରରେ କେବେ
ଭିଜି ଯାଏ ମନ ମୋର ତା' ଓଠର ପହିଲି ଛୁଆଁରେ,
କେବେ ପୁଣି କାଠୁଆ ଶୀତରେ ଥରିଯାଏ ଦେହ ମୋର
ତା' ଅଦେଖା ପ୍ରେମ ପୁଲକ ରେ ।
ବସନ୍ତର ରଂଗ ବେରଙ୍ଗୀ ଫୁଲର ବାସ୍ନା ରେ
ମୋ ମନ ବଗିଚାରେ
ପ୍ରଜାପତି ମାନଙ୍କର ଭିଡ ଲାଗି ଥାଏ।
ତା' ଲଜ୍ଜାନତ ଆଖି ଆଉ
ଭୂମିରେ ଗାର କାଟୁଥିବା ପାଦ ଦୁଇଟି
ଅହରହ ମୋତେ ଆମନ୍ତ୍ରଣ କରୁଥାଏ ,
ଆନମନା କରୁଥାଏ ।

---

କଟକ ,ଓଡିଶା

## ପ୍ରିୟା ଅନନ୍ୟା

---

ପ୍ରିୟା ମୋର !
ମନେ ଭାବେ କହିବି କି ମୁହଁ ତୋର ପୂର୍ଣ୍ଣ ଚନ୍ଦ୍ର ପରି ,
ମନ କହେ ନା' ନା' ଚନ୍ଦ୍ରମା ରେ କଳଙ୍କ ର କାଳି ।।

ମନେ ଭାବେ କହିବି କି ତୁ ମୋର ପଦ୍ମ ଗନ୍ଧା ବୋଲି,
ମନ କହେ ନା' ନା' ପଦ୍ମ ଟା ତ କୀଟ ଦ୍ରଂଷ୍ଟ କଳି ।।

ମନେ ଭାବେ କହିବି କି ଆଖି ତୋର ଭ୍ରମର ଠୁ କଳା ,
ମନ କହେ ନା' ନା' ଭ୍ରମର ଟା ପ୍ରତାରକ ପରା ।।

ମନେ ଭାବେ କହିବି କି ଦେହ ତୋର ହଳଦୀ ବସନ୍ତ,
ମନ କହେ ନା ' ନା ' ସେ ତ ଅଟେ ଏକ ଋତୁ ମିତ ।।

ମନେ ଭାବେ କହିବି କି ପାଦ ତୋର ରକ୍ତଜବା ବୋଲି,
ମନ କହେ ନା 'ନା ' ଦିନ କରେ ଯାଏ ସେ ମଉଳି ।।

ଦିନ ରାତି ଏମିତିକା ଭାବନା ରେ ଭାସୁ ଥାଏ ସିନା ,
ପାଏ ନାହିଁ ଖୋଜି ଖୋଜି ତୋ ଲାଗି କିଛି ବି ଉପମା ।।

ମନ କହେ ଦୁନିଆରେ ପ୍ରିୟା ମୋର ଅଟେ ଯେ ଅନନ୍ୟା ,
ନାହିଁ ସାରା ସଂସାର ରେ ତାହାର ତୁଳନା ।।

---

ପ୍ରେମ ବିଶେଷାଙ୍କ